# Akashvani, Sambalpur

## SAMBALPURI NEWS MORNING BULLETIN

## 22 June 2026 - 6.47- 6.52 am.

---

ସହରାଂଚଲ୍ ଜନସମ୍ପର୍କ କାର୍ଯ୍ୟକ୍ରମ ଆର୍ଏନ୍ୟୁ/ ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ୨ ବଛର୍ ପୂର୍ତି ଅବ୍ସରେ ଆଏବା ୨୪ ତାରିଖ୍ ବୁଧବାର୍ ଦିନ ସାରା ରାଏଜେ ସହରାଂଚଲ୍ ଜନସମ୍ପର୍କ କାର୍ଯ୍ୟକ୍ରମ୍ ହେବା । ଗୃହନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍ଫୁ ହେବାର୍କେ ଥିବା ଇ କାର୍ଯ୍ୟକ୍ରମ୍ ଜରିଏ ରାଏଜେ ନାଗରିକ୍ ସମ୍ପର୍କକେ ବର୍କସ୍ କର୍ବାର୍, ସହରୀ ବିକାଶ୍ର ସଫଲତା ପ୍ରଦର୍ଶନ୍ ଆଉ ଜନଭାଗିଦାରୀକେ ବଢ଼ାବାର୍ ଲକ୍ଷ୍ୟ ରଖାଯାଇଛେ । ରାଜ୍ୟସ୍ତରୀୟ ମୁଖ୍ୟ କାର୍ଯ୍ୟକ୍ରମ୍ ପୁରୀ ଟାଉନ୍ହଲ୍ ଠାନେ ବିଭାଗୀୟ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କର୍ ଉପସ୍ଥିତିଥି ହେବା । ରାଜ୍ୟର୍ ସବୁ ମହାନଗର୍ ନିଗମ୍, ପୌରପାଳିକା ଆଉ ଏନ୍ଏସି ମାନ୍କେ ଇ କାର୍ଯ୍ୟକ୍ରମ୍ କରାଯିବା । 'ବିକଶିତ୍ ଓଡ଼ିଶା ଲାଗି ଜନଭାଗିଦାରୀ: ସଶକ୍ତ ନାଗରିକ୍ - ସମାବେଶୀ ସହର୍-ସ୍ଥାୟୀ ସହରାଂଚଲ୍' ବିଷୟବସ୍ତୁ ଉପ୍ରେ ଆଧାରିତ୍ ଇ ଅଭିଯାନ୍ଥି

ପିଇବାର୍ ପାଏନ୍, ପରିମଳ, ଘର୍, ପରିବହନ୍ ଆଉ ଡିଜିଟାଲ୍ ଶାସନ୍ କ୍ଷେତ୍ରଥି ହେଉଥିବା ଅଗ୍ରଗତି ପ୍ରଦର୍ଶିତ୍ ହେବା ।

ପ୍ରଧାନ୍‌ମନ୍ତ୍ରୀ- ଯୁଦ୍ଧଜାହାଜ୍ ଏନ୍‌ଏସ୍‌ଡି

ଜାହାଜ୍ ନିର୍ମାଣ୍ କ୍ଷେତ୍ରଥି ଗୁଟେ ନୂଆଁ ନଜରିଆ ସହେତେ ଭାରତ୍ ଆଗ୍‌କେ ବଢୁଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ପଶ୍ଚିମବଙ୍ଗ୍‌ର କୋଲ୍‌କାତା ଠାନେ ଗଲାକାଏଲ୍ ସ୍ୱଦେଶୀ ଜ୍ଞାନ୍‌କୌଶଲ୍‌ଥି ତିଆର୍ ୩ ଟା ଯୁଦ୍ଧ ଜାହାଜ୍‌କେ ନୌସେନାଥି ସାମିଲ୍ କର୍‌ବାର୍ ସହେତେ ଶ୍ରୀ ମୋଦୀ କହିଛନ୍, କେନ୍ଦ୍ର ସର୍‌କାର୍ ଗଲା ୧୨ ବଛ୍‌ରେ ଭିନ୍ ଭିନ୍ କ୍ଷେତ୍ର ନ ବହୁତ୍‌ଟେ ନୀତିଗତ ସଂସ୍କାରଣ୍‌ମୂଳକ ପଦକ୍ଷେପ୍ ନେଇଛନ୍ ।
ନୌସେନାଥି ୩ ଟା ଯୁଦ୍ଧ ଜାହାଜ୍ ଆଇ.ଏନ୍.ଏସ୍. ଦୁନାଗିରି, ଆଇ.ଏନ୍.ଏସ୍. ସଂଶୋଧକ ଆଉ ଆଇ.ଏନ୍.ଏସ୍. ଅଗ୍ରୟକେ ସାମିଲ୍ କରାଯାଇଛେ ।

ତାମିଲ୍‌ନାଡୁ-ଗେସ୍ ଲିକ୍ ଦୁର୍ଘଟଣା ଆଇ ଆଣ୍ଡ୍ ପି.ଆର୍

ତାମିଲ୍‌ନାଡୁର ତିରୁଭଲ୍ଲୁର ନ ହେଇଥିବା ଏମୋନିଆ ଗେସ୍ ଲିକ୍ ଦୁର୍ଘଟଣାଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଭୀର୍ ଶୋକ ପ୍ରକାଶ୍ କରିଛନ୍ । ମୃତ ଶ୍ରମିକ୍‌ମାନ୍‌କର୍ ପରିବାର୍‌କେ ମୁଖ୍ୟମନ୍ତ୍ରୀ ସମବେଦନା ଜନାବାର୍ ସହେତେ ଆହତ୍ ଓଡ଼ିଆ ଶ୍ରମିକ୍‌ମାନ୍‌କର୍ ଆଶୁ ଆରୋଗ୍ୟ କାମ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀଙ୍କର୍ ନିର୍ଦ୍ଦେଶ୍‌ଥି ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ତାମିଲ୍‌ନାଡୁ ମୁଖ୍ୟ ସଚିବଙ୍କର୍ ସହେତେ କଥା ହେଇକରି ଓଡ଼ିଆ ଶ୍ରମିକ୍‌ମାନ୍‌କର୍ ଦର୍‌କାରୀ ଚିକିତ୍ସା ଆଉ ସାହାଜ୍ ବାବ୍‌ଦେ ଆଲୋଚନା କରିଛନ୍ । ଦୁର୍ଘଟଣାଗ୍ରସ୍ତ ଶ୍ରମିକ୍ ଆଉ ସେମାନ୍‌କର୍ ପରିବାର୍ ଲୁକ୍‌କୁ ଦର୍‌କାରୀ ସହଯୋଗ୍ ଯୁଗେଇ ଦେବାର୍ ଲାଗି ଓଡ଼ିଶାର୍ ୩ ଝନ୍ ବରିଷ୍ଠ ଅଧିକାରୀ ତିରୁଭଲ୍ଲୁର୍ ଯାଇଛନ୍ । ଇତାର୍‌ସହେତେ ରାଜ୍ୟ ସର୍‌କାର୍ ତାମିଲ୍‌ନାଡୁ ପ୍ରଶାସନ୍ ସାଙ୍ଗେ ନିରନ୍ତର୍ ଯୋଗାଯୋଗ୍‌ଥି ଅଛନ୍ ।

ଏସ୍‌ଆଇଆର୍        ଆଇ ଆଣ୍ଡ୍ ପି.ଆର୍

ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ୍ ପ୍ରକ୍ରିୟା ଶେଷ୍ ଖେପେ ଥିବାର୍‌ନୁ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଲନ୍

ଗଲାକାଏଲ୍ ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍ ଅଧୀନ୍‌ଥି ଥିବା ଡିଜିଟାଇଜେସନ୍ କେନ୍ଦ୍ର ପରିଦର୍ଶନ୍ କରିଛନ୍ । ରାଏଜେ ଏବ୍‌ତକ୍ ୩ କୋଟି ୩୦ ଲାଖ୍ ଭୋଟର୍‌ଙ୍କୁ ପରିଗଣନା ଫର୍ମ ବଂଟା ସରିଛେ । ଯେନ୍‌ଟାକି ୯୯ ଦଶ୍‌ମିକ୍ ୭/୫ ପ୍ରତିଶତ୍ ଆଏ । ସେଥିର୍‌ଭିତ୍‌ରୁ ୮୧ ଦଶ୍‌ମିକ୍ ୨/୩ ପ୍ରତିଶତ୍ ଫର୍ମର ଡିଜିଟାଇଜେସନ୍ କାମ୍ ଶେଷ୍ ହେଇଛେ । ବାକି ସବୁ କାମ୍‌କେ ଯୁଦ୍ଧକାଲୀନ୍ ଭିତିଥି ସାର୍‌ବାର୍‌କେ ସେ ନିର୍ଦ୍ଦେଶ୍ ଦେଇଛନ୍ । ସୁସ୍ଥ ଗଣତାନ୍ତ୍ରିକ୍ ପ୍ରକ୍ରିୟା ଲାଗି ସବୁ ଯୋଗ୍ୟ ଭୋଟର୍‌ଙ୍କର୍ ନାଁ ତାଲିକାଥି ରହେବାର୍ ସୁନିଶ୍ଚିତ୍ କରାଯାଉ ବଲି ଶ୍ରୀ ଗୋପାଲନ୍ କହିଛନ୍ । ଆଏବା ୨୮ ତାରିଖ୍ ଭିତ୍‌ରେ ସବୁ ସଂଶୋଧନ୍ କାମ୍ ସାର୍‌ବାର୍ ଉପ୍‌ରେ ସେ ଜୋର୍ ଦେଇଛନ୍ ।

୧୨ ଶ୍ରେଣୀ ଉତର୍ ଖାତା ଯାଂଚ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ୍ ଶିକ୍ଷା ପରିଷଦ୍- ସିବିଏସ୍‌ଇ ୧୨ ଶ୍ରେଣୀ ଉତର୍ ଖାତା ଯାଂଚ୍ ଆଉ ପୁନଃ ମୂଲ୍ୟାୟନ୍ ଫଲାଫଲ୍ ବାହାର୍ କର୍‌ବାର୍ ମୁଲ୍ କରିଛେ । ଏବ୍‌ତକ୍ ମୋଟ୍ ଆବେଦନ୍‌ର ୮୭ ପ୍ରତିଶତ୍‌ନୁ ଅଏତ୍‌କା ଫଲାଫଲ୍ ଖେପ୍ ଖେପ୍ କରି ଘୋଷ୍‌ନା ହେଇସାରିଛେ

ବଲି ବୋର୍ଡ୍ ତର୍ଫୁ କୁହାଯାଇଛେ । ଛାତ୍ରଛାତ୍ରୀମାନେ ଆବେଦନ୍‌ର ସ୍ଥିତି ବାବ୍‌ଦେ results.digilocker.gov.in ୱେବ୍‌ସାଇଟ୍ ନ ଯାଂଚ୍ କରିପାର୍‌ବେ । ଗୁଜବ୍ କି ଯାଂଚ୍ ନାଇଁ ହେଇଥିବା ସୋସିଆଲ୍ ମିଡ଼ିଆ ପୋଷ୍ଟ୍ ଉପ୍‌ରେ ବିଶ୍ୱାସ୍ ନାଇଁ କରିକରି ସର୍‌କାରୀ ସିବିଏସ୍‌ଇ ଯୋଗାଯୋଗ୍ ଉପ୍‌ରେ ନିର୍ଭର୍ କର୍‌ବାର୍‌କେ ବୋର୍ଡ୍ ତର୍ଫୁ ପରାମର୍ଶ ଦିଆଯାଇଛେ ।

ବିକାଶ୍‌ର ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ୍ ହି.ସ.

ସମ୍ବଲପୁର ଜିଲ୍ଲା ଜମନ୍‌କିରା ବ୍ଲକ୍ ପରିସର୍ ନ ଗଲା ୧୮ ତାରିଖ୍‌ନୁ ମୁଲ୍ ହେଇଥିବା ‘ବିକାଶ୍‌ର ଧାରା-ଓଡ଼ିଶା ସାରା’ କାର୍ଯ୍ୟକ୍ରମ୍ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହ୍‌ଥି ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କେନ୍ଦ୍ର ସର୍‌କାର୍‌ଙ୍କର୍ ୧୨ ବଛର୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ୨ ବଛର୍‌ର ଉପଲବ୍ଧି ବାବ୍‌ଦେ ଆଲୋଚନା କରିଥିଲେ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ନାୟକ୍ ହିତାଧିକାରୀମାନ୍‌କୁ ଭିନ୍ ଭିନ୍ ସାହାଜ୍ ଭିଲ୍ ବାଂଟିଥିଲେ ।

ଇତାର୍‌ସହେତେ ଚାଷୀ, ସମାଜ୍‌ସେବୀ, ଅବସରପ୍ରାପ୍ତ ଶିକ୍ଷକ୍ ଆଉ ଏସ୍‌ଏଚ୍‌ଜି ଗ୍ରୁପ୍ ମାନ୍‌କୁ ଭିଲ୍ ସମ୍ମାନିତ୍ କରାଯାଇଥିଲା ।

ବିଶ୍ୱ ବୃଷ୍ଟି-ପୁଷ୍ଟ ଅରଣ୍ୟ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁନୁଷ୍ ସମାଜ୍ ଲାଗି ଜଙ୍ଗଲର୍ ଗୁରୁତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଫି' ବଛର୍ ଆଝିରର୍ ଦିନ୍‌କେ 'ବିଶ୍ୱ ବୃଷ୍ଟି-ପୁଷ୍ଟ ଅରଣ୍ୟ ଦିବସ- ଓ୍ୱାର୍ଲ୍ଡ ରେନ୍ ଫରେଷ୍ଟ୍ ଡେ' ଭାବେ ପାଲନ୍ କରାଯାଉଛେ । ବୃଷ୍ଟି-ପୁଷ୍ଟ ଜଙ୍ଗଲ୍‌କେ ସୁରକ୍ଷା ଦେବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ପରିବେଶ୍‌କେ ପ୍ରଦୂଷଣ୍‌ମୁକ୍ତ କର୍‌ବାର୍ ଆଉ ବର୍ଷା ପାଏନ୍‌କେ ନିୟନ୍ତ୍ରଣ୍ କର୍‌ବାର୍ ଦିଗେ ଇ ଜଙ୍ଗଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ଇତାର୍‌ସହେତେ ଇ ଜଙ୍ଗଲ୍ ବାୟୁମଣ୍ଡଲ୍ ନ ଅଙ୍ଗାରକାମ୍ଳର୍ ପରିମାଣ୍‌କେ ଭିଲ୍ ସନ୍ତୁଲିତ୍ ରଖ୍‌ସି ।

ଏଫ୍‌ଆଇଏଚ୍-ନେସନ୍ସ କପ୍ ମହିଳା ହକି/ଆର୍‌ଏନ୍‌ୟୁ/ ସମ୍ବଲପୁର

ନ୍ୟୁଜିଲାଣ୍ଡ୍ ନ ହେଇଥିବା ଏଫ୍‌ଆଇଏଚ୍ - ନେସନ୍ସ କପ୍ ମହିଳା ହକି ପ୍ରତିଯୋଗିତାଥି ଭାରତ୍ ଚାମ୍ପିଅନ୍ ହେଇଛେ । ଭାରତ୍

ପୁରା ପ୍ରତିଯୋଗିତାଥି ଗୁଟେ ବି ମେଚ୍ ନାଇଁ ହାରିକରି ଫାଇନାଲ୍‌ଥି ଘରୋଇ ଦଲ୍‌କେ ୨-୦ ଗୋଲ୍‌ଥି ହରେଇକରି ୨ ନମ୍ବର୍ ଥର୍ ଲାଗି ଚାମ୍ପିଅନ୍ ହେଇଛେ । ପହେଲା ଥର ୨୦୨୨ ଉଦ୍‌ଘାଟନୀ ସଂସ୍କରଣଥି ଭିଲ୍ ଭାରତ୍ ଚମ୍ପିଆନ୍ ହେଇଥିଲା ।
ଭାରତୀୟ ମହିଳା ଦଲ୍‌ର ଇ ସଫଲତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛେ । କାଲ୍‌ବୈଶାଖୀ ପ୍ରଭାବ୍‌ଥି ଭିନ୍ ଭିନ୍ ଜିଲ୍ଲା ନ ବର୍ଷା ହେଇଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ଉତର୍ ଓଡ଼ିଶା ଆଉ ଦକ୍ଷିଣ୍ ଉପକୂଳ ଓଡ଼ିଶାର୍ କେତେଟା ଜାଗା ନ ହାଲ୍‌କା ନୁ ମଧମ୍ ଧରଣ୍‌ର ବର୍ଷା ହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇତାର୍‌ସହେତେ ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କର୍ ସହେତେ ରାଜ୍ୟର୍ ୨୨ ଟା ଜିଲ୍ଲା ନ ଧୁକାଗର୍ଡ଼ି ସହେତେ ଚଡ଼କ୍ ମାରିକରି ବର୍ଷା ହେବା । ସେଆଡ଼େ

ଆଏବା ୬ ନୁ ୭ ଦିନ୍‌ତକ୍ ରାଏଜେ ସବୁନୁ ଜହ ତାପମାତ୍ରାଥି କେନ୍‌ସି ପରିବର୍ତନ୍ ଦେଖାନାଇଁଦିଏ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।